# ଆମ ପ୍ରଶାସନ ସମ୍ମାନ ହରାଉଛି କାହିଁକି ?

## (୪)

୦୩/୧୨/୧୯୮୯

ଗତ କେତେ ମାସର ବ୍ୟତିକ୍ରମ ପରେ 'ସମ୍ବାଦ'ର ବନ୍ଧୁ ପାଠକ ପାଠିକା ଓ ନୂଆ ସମ୍ପାଦକଙ୍କ ଅନୁରୋଧକ୍ରମେ ଆଜି ପୁଣି ଏ ସ୍ତମ୍ଭକୁ ଆରମ୍ଭ କଲାବେଳେ ଆମ ପ୍ରଶାସନ କଥା ମନକୁ ଆସୁଛି । ଗତମାସର ନିର୍ବାଚନ ଜନିତ ଉତ୍ତେଜନା ଓ ଉଦ୍ଦୀପନା ଏବେ ମଧ୍ୟ ବୋଧହୁଏ ଅବ୍ୟାହତ ରହିଛି ବୋଲି ଆମକୁ ଅନେକ ମୌଳିକ ଅଥଚ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ବିଷୟରେ ଅନୁଧ୍ୟାନ କରିବା ପାଇଁ ସମୟ ଟିକେ ମିଳିପାରୁନାହିଁ ।

ଆମ ମେଡିକାଲ କଲେଜମାନଙ୍କର ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ଜୁନିୟର ଡାକ୍ତର ଗତ କେତେ ଦିନ ହେବ ତାଙ୍କର ଦାବୀଗୁଡ଼ିକ ସପକ୍ଷରେ ଆନ୍ଦୋଳନ ଚଳାଇ ଆସିଛନ୍ତି । ଗତ ସପ୍ତାହରେ ସେମାନେ ଏହାକୁ ରିଲେ ଅନଶନ ଧର୍ମଘଟରେ ମଧ୍ୟ ପରିଣତ କରିଛନ୍ତି । ନିର୍ବାଚନ ସମୟରେ ଏକ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଦାବୀପୂରଣ ପାଇଁ ସଂଘବଦ୍ଧ ଭାବେ ଅନଶନ ଧର୍ମଘଟ କରିବାରେ ସେପରି କୌଣସି ଅସ୍ୱାଭାବିକତା ନାହିଁ । କିନ୍ତୁ ପ୍ରଶାସନ ସବୁ ଅନଶନ ଧର୍ମଘଟ ଯେ ସୁବିଧାବାଦୀ ଏବଂ ଅଯୌକ୍ତିକ ଓ ଅସମ୍ଭବ ଦାବୀ ଗୁଡ଼ିକ ଉପରେ ପର୍ଯ୍ୟବସିତ- ଏକଥା ଭାବିବା ଠିକ୍ ହେବ ନାହିଁ । ଜୁନିଅର୍ ଡାକ୍ତରମାନଙ୍କର ଦାବୀଗୁଡ଼ିକ କ'ଣ ଏବଂ କାହିଁକି ସେମାନେ ନିଜର ସେବାମୂଳକ ବୃତ୍ତିଗତ ଜୀବନ ଆରମ୍ଭ ନହେଉଣୁ ଅନଶନ ଧର୍ମଘଟ କଥା ଆରମ୍ଭ କଲେଣି, ଏ ବିଷୟରେ ପ୍ରଶାସକୀୟ ଉଚ୍ଚକର୍ତ୍ତୃପକ୍ଷ କେବେ ଅନାସକ୍ତ ଭାବେ ଚିନ୍ତା କରୁଛନ୍ତି କି ? ନା ସଂଖ୍ୟାଲଘୁ ଡାକ୍ତରୀ ଛାତ୍ର ମାନଙ୍କର ଆନ୍ଦୋଳନ ଧମକକୁ ଚପାଇ ଏବଂ ଦବାଇ ରଖିବାରେ ପ୍ରଶାସନ ସଫଳତାର ଆତ୍ମସନ୍ତୋଷ ଅନୁଭବ କରୁଛି ? ପାଞ୍ଚ ଶହରୁ ଊର୍ଦ୍ଧ୍ୱ ଜୁନିଅର୍ ଡାକ୍ତର ତାଙ୍କର ଦରମାହାର ଏବଂ ଅନ୍ୟାନ୍ୟ ସୁବିଧା ସୁଯୋଗରେ ସଂସ୍କାର ଚାହୁଁଛନ୍ତି । ଏମ୍.ବି.ବି.ଏସ୍. ଡିଗ୍ରୀ ହାସଲ କରିବା ପରେ ଖୋଲା ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇ ଉପାଧିଉତ୍ତର ଡିଗ୍ରୀ ହାସଲ ପାଇଁ ଅଧ୍ୟୟନରତ ଡାକ୍ତରୀ ଛାତ୍ରମାନେ ସରକାରୀ ସ୍ତରରେ ଆସିଷ୍ଟାଣ୍ଟ ସର୍ଜନ ପାଉଥିବା ଦରମାହାର ଦାବୀ କରୁଥିବା ବେଳେ ହାଉସ୍ ସର୍ଜନ ମାନେ ତାଙ୍କର ପାରିଶ୍ରମିକକୁ ଅଧିକ ସମ୍ମାନଜନକ କରିବା ପାଇଁ ଦାବୀ କରୁଛନ୍ତି । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ବର୍ତ୍ତମାନ ଓଡ଼ିଶାର ଉପାଧିଉତ୍ତର ଡାକ୍ତରୀ ଛାତ୍ରମାନେ ୮୦୦ରୁ ୧୦୦୦ ଟଙ୍କା ପାଉଥିବା ବେଳେ ହାଉସ୍ ସର୍ଜନ ମାନେ ମାତ୍ର ୭୦୦ ଟଙ୍କା ପାଉଛନ୍ତି । ଡାକ୍ତରୀ ଛାତ୍ରମାନଙ୍କର ଯୁକ୍ତି ହେଲା ଯେ ସରକାରଙ୍କର ପରିବର୍ଦ୍ଧିତ ଦରମାହାର ଅନୁସାରେ ଅଣକୁଶଳୀ କର୍ମଚାରୀମାନଙ୍କର ଦରମା ହାର ୯୬୮ ରୁ ୧୨ ଶ ଟଙ୍କା

**ଆମ ଘରର ହାଲଚାଲ୍**

ସୌମ୍ୟରଂଜନ ପଟ୍ଟନାୟକ

ହୋଇଥିଲା ବେଳେ ଡାକ୍ତରମାନଙ୍କ ପାଇଁ ବର୍ତ୍ତମାନର ଦରମା ହାର ଆଦୌ ସମ୍ମାନଜନକ ହେଉ ନାହିଁ । ମେଡିକାଲ୍ କଲେଜ ବ୍ୟବସ୍ଥାରେ ଜୁନିଅର ଡାକ୍ତର ଏବଂ ଉପାଧିଉତ୍ତର ଛାତ୍ରମାନଙ୍କର ଭୂମିକା ସମ୍ପର୍କରେ ଡାକ୍ତର ଓ ରୋଗୀମାନେ ସମସ୍ତେ ଊଣା ଅଧିକେ ଜାଣନ୍ତି । ଉପାଧିଉତ୍ତର ଡାକ୍ତରୀ ଛାତ୍ରମାନେ ନିଜର ଅଧ୍ୟୟନ ଅତିରିକ୍ତ ପ୍ରାୟ ୫ ଘଣ୍ଟାରୁ ଅଧିକ ସମୟ କାଳ ଅନ୍ୟ ଡାକ୍ତରମାନଙ୍କ ସହିତ ସମାନ କାମ କରିଥାଆନ୍ତି । ସେମାନଙ୍କର ଏକମାତ୍ର ଦୋଷ ହେଲା ଯେ, ସେମାନେ ଅନ୍ୟ ସାଧାରଣ ଏମ୍.ବି.ବି.ଏସ୍. ଡାକ୍ତରଙ୍କ ଅପେକ୍ଷା ଅଧିକ ମେଧାବୀ ଏବଂ ନିଜର ବୃତ୍ତିଗତ ଅନୁରାଗ ଦୃଷ୍ଟିରୁ ଖୋଲା ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇ ଅଧିକ ଜ୍ଞାନ ଏବଂ ଦକ୍ଷତା ଲାଭ କରିବା ପାଇଁ ଅଧ୍ୟୟନରତ । ମେଧାବୀ ଓ ଅଧ୍ୟବସାୟୀମାନଙ୍କୁ ଅଧିକ ସମ୍ମାନ ଓ ସ୍ୱୀକୃତି ଦେବା ପ୍ରତ୍ୟେକ ପ୍ରଶାସନିକ ବ୍ୟବସ୍ଥାର ଅଭିମୁଖ୍ୟ ହେବା ବାଞ୍ଛନୀୟ । କିଛି ନ ହେଲେ ମଧ୍ୟ ସମାନ କାମ ପାଇଁ ସମାନ ଦରମା ନ୍ୟାୟରେ ଏମାନେ କେବେହେଲେ ସାଧାରଣ ଏମ୍.ବି.ବି.ଏସ୍. ଡିଗ୍ରୀଧାରୀ ସରକାରୀ ଡାକ୍ତରମାନଙ୍କ ଠାରୁ କମ୍ ଦରମା ପାଇବା ନ୍ୟାୟୋଚିତ ନୁହେଁ ।

ଅବଶ୍ୟ ଏସବୁ ମୂଳରେ ସରକାରଙ୍କର ସୀମିତ ସମ୍ବଳ ପ୍ରଶ୍ନ ସବୁଠାରୁ ମୁଖ୍ୟପ୍ରଶ୍ନ ହୋଇ ରହିଛି । ତେବେ ସୀମିତ ସମ୍ବଳ ମଧ୍ୟରେ ସ୍ୱୀକୃତି ଏବଂ ସମ୍ମାନର ସୁଷମ ବଣ୍ଟନ କରିପାରିବା ଏବଂ କର୍ମଚାରୀ ସମୂହଙ୍କର ସାମଗ୍ରିକ ଆସ୍ଥା ଏବଂ ଆନୁଗତ୍ୟର ଅଧିକାରୀ ହୋଇପାରିବା ଏକ ପ୍ରଶାସକୀୟ ବ୍ୟବସ୍ଥାର ସଫଳତାର ଅସଲ ମାପକାଠି । ଏ ମାପକାଠିକୁ ଗ୍ରହଣ ନ କଲେ ଆମ ପ୍ରଶାସନ ନିଶ୍ଚିତ ଭାବରେ ସମ୍ମାନ ହରାଇବ । ବିଶେଷକରି ଭାରତର ଅନ୍ୟ ରାଜ୍ୟଗୁଡ଼ିକରେ ଉପାଧିଉତ୍ତର ଡାକ୍ତରୀ ଛାତ୍ରମାନେ ଯେଉଁହାରରେ ଦରମା ପାଉଛନ୍ତି, ତତ୍ତୁଲ୍ୟ ଦରମାହାର ଓଡ଼ିଶାର ଡାକ୍ତରୀ ଛାତ୍ରମାନଙ୍କୁ ନ ମିଳିଲେ ସେମାନେ ଅଯଥା ହୀନମନ୍ୟତାର ଶିକାର ହେବେ ସିନା, ସ୍ୱାଭିମାନୀ କିମ୍ବା ବୃତ୍ତି- ଅନୁରାଗୀ ହୋଇପାରିବେ ନାହିଁ । ସବୁଠାରୁ ଦୁଃଖର ବିଷୟ ହେଲା ଡାକ୍ତରୀ ବୃତ୍ତିର ସତୀର୍ଥ ସହୋଦର ମାନେ ତାଙ୍କର କନିଷ୍ଠ ଡାକ୍ତର ଭାଇମାନଙ୍କର ଏ ଆନ୍ଦୋଳନ ପ୍ରତି ସହାନୁଭୂତିଶୀଳ ହେବା ଦୂରେ ଥାଉ ଏକ ସ୍ୱାର୍ଥକାତର ଏବଂ ଉଦାସୀନ ମନୋଭାବ ପୋଷଣ କରୁଛନ୍ତି । ଏଇଥିପାଇଁ ଆମ ବୃତ୍ତି ଓ ପ୍ରଶାସନ ସମ୍ମାନ ହରାଉଛି ।